**ଅନୁଗୋଳ**
- ଜୋନାଲ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍ ଉଦ୍‌ଘାଟନ
ସ୍ଥାନ- ଅନୁଗୋଳ ଷ୍ଟାଡିୟମ
ସମୟ- ପୂର୍ବାହ୍ନ ୯ ଘଟିକା
- ସିଏଏ ସମ୍ପର୍କରେ ଭାଜପାର ଜନସଚେତନ କାର୍ଯ୍ୟକ୍ରମ
ସ୍ଥାନ- ଅନୁଗୋଳ ଷ୍ଟାଡିୟମ
ସମୟ- ପୂର୍ବାହ୍ନ ୧୧ ଘଟିକା
- ଅନୁଗୋଳ ଟ୍ୟାଲେଣ୍ଟ ହଣ୍ଟ
ସ୍ଥାନ- ଜିଲା କଳାକେନ୍ଦ୍ର
ସମୟ- ପୂର୍ବାହ୍ନ ୧୦ଟା ୩୦

## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

ବଇଣ୍ଡା,୧୦।୧(ଡି.ଏନ.ଏ.)- ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ହଣ୍ଡପା ପୋଲିସ ଗୁରୁବାର ରାତିରେ ହଣ୍ଡପା ଦେଶୀ ମଦ ଭାଟିର କର୍ମଚାରୀ ଯୋଗେନ୍ଦ୍ର କୁମାର ଯାଦବଙ୍କୁ ଗିରଫ କରିଛି। ଆଇଆଇସି ଲବ ବୋଡ଼ା କହିଛନ୍ତି, ଯୋଗେନ୍ଦ୍ର ଏକ ବାଇକ୍ (ନଂ. ଓଆର୧୯ଏମ-୧୭୪୮)ରେ ପାଉଚ ମଦ ଧରି ବିଭିନ୍ନ ଗ୍ରାମକୁ ଚୋରାଚାଲାଣ କରୁଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା।

### ୬ ମାମଲା ରୁଜୁ

ବଇଣ୍ଡା,୧୦।୧(ଡି.ଏନ.ଏ.)- ହଣ୍ଡପା ଥାନା ଅଞ୍ଚଳରେ ଶୁକ୍ରବାର ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ସମସ୍ତ ବାଇକକୁ ଅଟକାଇ ହେଲମେଟ ଯାଞ୍ଚ କରାଯାଇଥିଲା। ଏଥିରେ ୬ଟି ମାମଲା ରୁଜୁ କରାଯାଇ ୩୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ହଣ୍ଡପା ଆଇଆଇସି ଲବ ବୋଡା, ସେକେଣ୍ଡ ଅଫିସର ସରୋଜ କୁମାର ଦାସ ପ୍ରମୁଖ ଯାଞ୍ଚ କରିଥିଲେ।

### ବାଇକ୍ ଧକ୍କାରେ ଯୁବକ ମୃତ

ଛେଣ୍ଡିପଦା,୧୦।୧(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ଭାଗଲକଟା ଗ୍ରାମରେ ବାଇକ୍ ଧକ୍କାରେ ଶୁକ୍ରବାର ସେହି ଗ୍ରାମର ମନୋଜ ନାଏକ (୨୫)ଙ୍କ ମୃତ୍ୟୁ ହୋଇଛି। ରାତି ୮ଟାରେ ମନୋଜ ଗ୍ରାମ ପୋଖରୀରୁ ଶୌଚ ହୋଇ ଘରକୁ ଫେରୁଥିବାବେଳେ ସନ୍ତରାବନ୍ଧରୁ କୋଶଳା ଅଭିମୁଖେ ଯାଉଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ମନୋଜ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କୋଶଳା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଛେଣ୍ଡିପଦା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

■ ଜିଲା ସଂସ୍କୃତି ପରିଷଦର ସାଧାରଣ ପରିଷଦ ବୈଠକ

# ଫେବୃୟାରୀ ୭ରୁ ଜିଲା ମହୋତ୍ସବ

■ ୧୧ରୁ ୫ ଦିନିଆ ପଲ୍ଲିଶ୍ରୀମେଳା
■ ଜାନୁୟାରୀ ୩୦ରେ ମଶାଲ ଶୋଭାଯାତ୍ରା
■ ଭାଗନେବେ ରାଜ୍ୟ ବାହାରର ଲୋକନୃତ୍ୟ ଦଳ


ଜିଲା ସଂସ୍କୃତି ପରିଷଦ ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ଅନୁଗୋଳ ଅଫିସ, ୧୦।୧

ଅଷ୍ଟମ ଜିଲା ମହୋତ୍ସବ ପାଳନ ପାଇଁ ଜିଲା ସଂସ୍କୃତି ପରିଷଦର ସାଧାରଣ ବୈଠକ ଶୁକ୍ରବାର ଜିଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିବା ସହ ପୂର୍ବବର୍ଷ ଭଳି ଚଳିତ ବର୍ଷ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମହୋତ୍ସବର ନୋଡାଲ ଅଧିକାରୀ ଭାବେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

ଜିଲା ମହୋତ୍ସବ ଆସନ୍ତା ଫେବୃୟାରୀ ୭ରୁ ୯ ପର୍ଯ୍ୟନ୍ତ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ୧୧ ତାରିଖରୁ ୫ ଦିନ ଧରି ଓର୍‌ମାସ ଦ୍ୱାରା ପଲ୍ଲିଶ୍ରୀମେଳା ଓ ଜିଲା ଉନ୍ନୟନ ପ୍ରଦର୍ଶନୀର ଆୟୋଜନ କରାଯିବ। ଏହି ଅବସରରେ ବାଲୁକା କଳା, କବି ସମ୍ମିଳନୀ, ଯୋଗ ଓ ପ୍ରାଣାୟମ ଶିବିର ସହ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରାଯିବ। ଜାନୁୟାରୀ ୩୦ ତାରିଖରେ ମଶାଲ ଶୋଭାଯାତ୍ରା ସହ ମହୋତ୍ସବର ଶୁଭାରମ୍ଭ କରାଯିବ। ଆଠମଲ୍ଲିକର ଦେଉଳଝରୀ, ପାଲଲହଡ଼ାର ଖୁଲୁଡ଼ି ଓ ଟିକରପଡ଼ାର ଶିବ ମନ୍ଦିରରୁ ମଶାଲ ଆସି ମା' ହିଙ୍ଗୁଳାଙ୍କ ପୀଠରେ ଏକତ୍ରିତ ହୋଇ ସେଠାରୁ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ଠାରେ ମହେତ୍ସବ ପର୍ଯ୍ୟନ୍ତ ରହିବ। କଲିକତାର ପୂର୍ବାଞ୍ଚଳ ସାଂସ୍କୃତିକ ପରିଷଦ, ସଂସ୍କୃତି ବିଭାଗ ଓ ପର୍ଯ୍ୟଟନ ବିଭାଗ ସମେତ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରତିଷ୍ଠିତ ଲୋକନୃତ୍ୟ ଦଳ ଏଥିରେ ଅଂଶ ଗ୍ରହଣ କରିବେ। ଅନୁଗୋଳ ମାଟିର ସନ୍ତାନ ଓ ଜିଲା ପ୍ରତି ଥିବା ଅବଦାନକୁ ନେଇ ଅନୁଗୋଳ ଗୌରବ ସମ୍ମାନ ପ୍ରଦାନ କରାଯିବ। ଜିଲା ମହୋତ୍ସବ ପୂର୍ବରୁ ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ମହୋତ୍ସବ କରି ଶ୍ରେଷ୍ଠ ଦଳକୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ସ୍ଥିର କରାଯାଇଥିଲା। ମହୋତ୍ସବର ସୁପରିଚାଳନା ପାଇଁ ଭିନ୍ନ ଭିନ୍ନ କୋର୍ କମିଟି ଗଠନ କରାଯାଇ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଅର୍ପଣ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଜଳ ସଂରକ୍ଷଣକୁ ଚଳିତ ବର୍ଷ ଜିଲା ମହୋତ୍ସବର ବାର୍ତ୍ତା ଭାବେ ସ୍ଥିର କରାଯାଇଛି। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ହାଁସଦା, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ଓ ଜିଲା ସଂସ୍କୃତି ଅଧିକାରୀ ଜଗଦୀଶ ରାୟଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ସାମାଜିକ କର୍ମୀ ଓ ବିଭିନ୍ନ ସଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ।

# କଣିହାଁ ଏନ୍‌ଟିପିସିରେ ପହଞ୍ଚିଲା ଦୁଲଙ୍ଗ କୋଇଲା



ଦୁଲଙ୍ଗ ମାଇନ୍ସରୁ କୋଇଲା ନେଇ ଆସିଥିବା ଟ୍ରେନ୍ କଣିହାଁ ଏନ୍‌ଟିପିସି ପ୍ଲାଣ୍ଟରେ ପହଞ୍ଚିଛି।

ତାଳଚେର,୧୦।୧(ନି.ପ୍ର.)

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ପ୍ଲାଣ୍ଟର ଇନ୍ଧନ ଆବଶ୍ୟକତା ପୂରଣ ପାଇଁ ଚୁକ୍ତିମୁତାବକ ଝାରସୁଗୁଡ଼ାସ୍ଥିତ ଏନ୍‌ଟିପିସିର ଦୁଲଙ୍ଗ ମାଇନ୍ସରୁ କୋଇଲା ଅଣାଯାଇଛି। ଟ୍ରେନ୍ ଯୋଗେ ୫୭ ୱାଗନରେ ୩୩୫୦ ମେଟ୍ରିକ ଟନ୍ କୋଇଲା କଣିହାଁ ପ୍ଲାଣ୍ଟରେ ପହଞ୍ଚିଛି। ଏହି ଅବସରରେ ଏନ୍‌ଟିପିସି କଣିହାଁ ଚିଫ୍ ଜେନେରାଲ ମ୍ୟାନେଜର ସୁଦୀପ ନାଗ, ମହାପ୍ରବନ୍ଧକଗଣ ଏବଂ ବିଭାଗୀୟ ମୁଖ୍ୟଙ୍କ ଗହଣରେ ନଡ଼ିଆ ଭାଙ୍ଗି କୋଲ ର୍ୟାକ୍‌କୁ ଗ୍ରହଣ କରିଥିଲେ। ପ୍ଲାଣ୍ଟର ଦୀର୍ଘକାଳୀନ ସମସ୍ୟା ସମାଧାନ ନିମନ୍ତେ ନିଆଯାଇଥିବା ଏହି ପଦକ୍ଷେପ ପାଇଁ ଫୁଏଲ ମ୍ୟାନେଜମେଣ୍ଟ ଟିମ୍‌କୁ ନାଗ୍ କୃତଜ୍ଞତା ଜଣାଇଥିଲେ। ସୂଚନାଯୋଗ୍ୟ ଯେ, ଏନ୍‌ଟିପିସିର କଣିହାଁ ପ୍ଲାଣ୍ଟରେ କୋଇଲା ସଙ୍କଟ ଯୋଗୁ ବର୍ଷର ଅନେକ ସମୟରେ ବିଜୁଳି ଉତ୍ପାଦନରେ ବାଧା ସୃଷ୍ଟି ହେଉଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଏମ୍ (ଓଆଣ୍ଡଏମ୍) ଏନ୍.ଏସ. ରାଓ, ଜିଏମ୍ (ଏଫ୍ଏମ୍) କେ.କେ. ଦାସ, ଜିଏମ୍ (ଏସ୍ଏସ୍‌ସି) ନବୀନ ବାଗାଇ, ଜିଏମ୍ (ଅପରେଶନ୍ସ) ପି. ଶିବରାମ କ୍ରୀଷ୍ଣା, ଏଜିଏମ (ଏଚ୍ଆର୍) କେ.ଏସ୍. ଶର୍ମା, ଏଜିଏମ୍ (ଇଏମ୍‌ଜି) ଏସ୍. ଏସ୍. ପ୍ରଧାନ, ଏଜିଏମ୍ (ଏମ୍‌ଜିଆର୍) ଏସ୍.କେ. ଦାସ ଏବଂ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ଅମଲାପଡ଼ା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଦିବାରାତ୍ରି କ୍ରିକେଟ୍ ଟୁର୍ନାମେଣ୍ଟର ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥି।

ଅନୁଗୋଳ ଅଫିସ, ୧୦।୧

ଅନୁଗୋଳସ୍ଥିତ ଅମଲାପଡ଼ା ଦଶହରା ମଣ୍ଡପ ଠାରେ ମହାବିନାୟକ ୟୁଥ୍ କ୍ଲବ ଦ୍ୱାରା ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ନଗରପାଳ ପୂର୍ଣ୍ଣଚନ୍ଦ୍ର ରାଉତ ଓ ସମ୍ମାନିତ ଅତିଥି ଭାବେ ଜୟଦୁର୍ଗା ବ୍ଲକ କୋଷାଧ୍ୟକ୍ଷ ଜ୍ୟୋତିରଞ୍ଜନ ପଟ୍ଟନାୟକ, ପୂର୍ବତନ କାଉନ୍‌ସିଲର ତାପସ ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ ଅନୁଗୋଳ କ୍ରିକେଟ୍ କ୍ଲବ ଓ ପଦ୍ମାଳୟ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଗୋଳ କ୍ରିକେଟ କ୍ଲବ ୬୪ ରନ୍‌ରେ ବିଜୟୀ ହୋଇଥିଲା। ବୀରେନ୍ଦ୍ର ସାହୁ ଓ ଟିଲୁ ସିଂହ ଖେଳ ପରିଚାଳନା କରିଥିଲେ। ମହାବିନାୟକ ୟୁଥ୍ କ୍ଲବ ସମ୍ପାଦକ ଶିବାନୀ ଶଙ୍କର ଗୌଡ଼, କୋଷାଧ୍ୟକ୍ଷ ବିକାଶ ସେଠ, ବିଶ୍ୱରଞ୍ଜନ ମହାନ୍ତି, ସଚିନ ସିଂହ, ଲିଟନ ସାହୁ, ସୁବ୍ରତ ପ୍ରଧାନ, ତ୍ରିଭାଲ୍ ମିଶ୍ର, ଆଲୋକ ଦାସ ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

■ ୩ ଦିନର ଶିଶୁକନ୍ୟାକୁ ବିକ୍ରି ଚର୍ଚ୍ଚା

## ତନାଘନା ପରେ ଫେରାଇ ଆଣିଲେ ପରିବାର

ଛେଣ୍ଡିପଦା,୧୦।୧(ସ୍ୱ.ପ୍ର.)

ଆର୍ଥିକ ଅନଟନକୁ ନେଇ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳରେ ୩ ଦିନର ଶିଶୁକନ୍ୟାକୁ ପରିବାର ଲୋକେ ବିକ୍ରି କରି ଦେଇଥିବା ଚର୍ଚ୍ଚା ହୋଇଥିଲା। ପ୍ରଶାସନ ଏହି ଘଟଣାକୁ ନେଇ ତନାଘନା କରିବା ପରେ ଭୟରେ ପରିବାର ଲୋକ ଶିଶୁକନ୍ୟାକୁ ଫେରାଇ ଆଣିଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ଛେଣ୍ଡିପଦା ଅଞ୍ଚଳର ଜଣେ ଯୁବକଙ୍କ ୩ ଶିଶୁକନ୍ୟା ଥିବାବେଳେ ତାଙ୍କ ସ୍ତ୍ରୀ ମଙ୍ଗଳବାର ଚତୁର୍ଥ ଶିଶୁକନ୍ୟା ଜନ୍ମ ଦେଇଥିଲେ। ଫଳରେ ଲାଳନ ପାଳନକୁ ନେଇ ବିଚଳିତ ଯୁବକ ଜଣକ ଶିଶୁକନ୍ୟାକୁ ମହୀଧରପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିବା ଚର୍ଚ୍ଚା ହୋଇଥିଲା। ଏ ନେଇ ଶିଶୁ ସୁରକ୍ଷା ଅଧିକାରୀଙ୍କ ନିକଟରେ ଖବର ପହଞ୍ଚିବା ପରେ ଶିଶୁ ସୁରକ୍ଷା ଅଧିକାରୀ ଛେଣ୍ଡିପଦା ପୋଲିସ ଓ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଘଟଣାର ଛାନଭିନ କରିବାକୁ କହିଥିଲେ। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସ୍ଥାନୀୟ ଅଙ୍ଗନୱାଡି ଦିଦିଙ୍କୁ ସମ୍ପୃକ୍ତ ଯୁବକଙ୍କ ଘରକୁ ପଠାଇ ତଦନ୍ତ କରିଥିଲେ। ତଦନ୍ତ ବେଳେ ଶିଶୁକନ୍ୟାକୁ ବିକ୍ରି ହୋଇଥିବା ସ୍ପଷ୍ଟ ହୋଇଥିଲା। ତେବେ ଅଙ୍ଗନୱାଡି ଦିଦି ବୁଝାଶୁଝା କରିବା ପରେ ଅପରାହ୍ନରେ ପରିବାର ଲୋକେ ଶିଶୁକନ୍ୟାକୁ ଫେରାଇ ଆଣିଥିବା ଜଣାପଡ଼ିଛି।

■ ମା' ଲଙ୍ଗ ବାଉତୀଙ୍କ ଯାତ୍ରା

## ବାଦ୍ୟ ବାଜଣାରେ କମ୍ପିଲା ବୁଢ଼ାପଙ୍କ

ବଆଁରପାଳ,୧୦।୧(ଡି.ଏନ.ଏ.)

ବଆଁରପାଳ ବ୍ଲକ ବୁଢ଼ାପଙ୍କ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଲଙ୍ଗ ବାଉତୀଙ୍କ ଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ସମଗ୍ର ଗ୍ରାମ ଉତ୍ସବମୁଖର ହୋଇପଡ଼ିଛି। ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ସକାଳେ ଗ୍ରାମର ଦିଅଁ ଘରେ ପୂଜାର୍ଚ୍ଚନା ପରେ ମା'ଙ୍କ ଆଲମକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ପୀଠକୁ ଅଣାଯାଇଥିଲା। ଶୋଭାଯାତ୍ରାରେ ଖୋର୍ଦ୍ଧାର ମହିଳା ପାଇକ ଖେଳ, ଶବର ନୃତ୍ୟ, ନାମ ସଂକୀର୍ତ୍ତନ, ଘୋଡା ନାଚ, ଧୁଡୁକି ନାଚ ସମେତ ବିଭିନ୍ନ ବାଦ୍ୟ ନୃତ୍ୟ ପରିବେଷଣ ହୋଇଥିଲା। ଅପରାହ୍ନ ୪ ଟାରେ ପୀଠରେ ମା'ଙ୍କ ଆଲମ ପହଞ୍ଚିଥିଲା।


ଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ।

ସନ୍ଧ୍ୟାରେ ମାଜଣା ପର୍ବ ସହଦେବୀଙ୍କ ଯଥାରୀତି ପୂଜାର୍ଚ୍ଚନା ହୋଇଥିଲା। ଏହି ଅବସରରେ ବହୁ ମାନସିକଧାରୀ ପୀଠରେ ଅଧିଆ ପଡିବା ସହ ଶିଶୁଙ୍କ ମୁଣ୍ଡନ ହୋଇଥିବା ଦେଖିବାକୁ ମିଳିଥିଲା। ଯାତ୍ରାରେ ବିଭିନ୍ନ କିସମର ଦୋକାନ ବଜାର ବସିଥିଲା। ଯାତ୍ରାକୁ ଗ୍ରାମବାସୀ ପରିଚାଳନା କରିଥିଲେ।

# ସେମିଫାଇନାଲରେ ୟୁନିୟନ ସ୍ପୋର୍ଟିଂ

ପବିତ୍ରନଗର,୧୦।୧(ଡି.ଏନ.ଏ.)




କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମରେ ପବିତ୍ରନଗର କ୍ଲବ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ୬ଷ୍ଠ ଦିବସ ମ୍ୟାଚରେ କଟକର ୟୁନିୟନ ସ୍ପୋର୍ଟିଂ ରାଉରକେଲାର ସ୍ପୋର୍ଟ୍ସ ଆସୋସିଏଶନକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ କଟକ ୟୁନିଅନ ସ୍ପୋର୍ଟିଂ ବ୍ୟାଟିଂ କରି ୧୬୧ ରନ କରିଥିଲା। ଜବାବରେ ରାଉରକେଲା ସ୍ପୋର୍ଟ୍ସ ଆସୋସିଏଶନ ୧୬୦ ରନ କରି ପରାସ୍ତ ହୋଇଥିଲା। ବିଜୟୀ ଟିମର ନୌତମ ଭଞ୍ଜ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜାନକୀ ବାଇ, ରମାକାନ୍ତ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଭାଜପା ନେତା ରମେଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମାନସ ରଞ୍ଜନ ପ୍ରଧାନ, ପରମାନନ୍ଦ ବିଶ୍ୱାଳ, ଭାଜପା ନେତା ପ୍ରହ୍ଲାଦ ସାମଲ ଯୋଗ ଦେଇଥିଲେ। କ୍ଲବ ସଭାପତି ଶାନ୍ତନୁ ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶନିବାର ୨ୟ ସେମିଫାଇନାଲ ମ୍ୟାଚ୍ କଟକ ୟୁନିୟନ ସ୍ପୋର୍ଟିଂ ଓ ସମ୍ବଲପୁର ଏମ୍‌ସିସି ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

# ମା' ବିନିକେଇ କପ୍: ଲୁହାସିଙ୍ଗା ଚାମ୍ପିୟନ

ବଇଣ୍ଡା/ଆଠମଲ୍ଲିକ ୧୦।୧(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଜାମୁଡୋଲି ପଞ୍ଚାୟତ ଜାମୁଡୋଲି ଖେଳ ପଡ଼ିଆଠାରେ ଚାଲିଥିବା ମା' ବିନିକେଇ କପ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ବାହାଲି କ୍ରିକେଟ ଦଳକୁ ହରାଇ ଲୁହାସିଙ୍ଗା ଚାମ୍ପିୟନ ହୋଇଛି। ପ୍ରଥମେ ବାହାଲି ଦଳ ବ୍ୟାଟିଂ କରି ୭୮ରନ କରିଥିଲା। ଜବାବରେ ଲୁହାସିଙ୍ଗା ୭୯ ରନ କରି ଚାମ୍ପିୟନ ହୋଇଥିଲା। ବିଜୟୀ ଦଳର ରତ୍ନାକର ପ୍ରଧାନ ମ୍ୟାନ ଅଫ ଦି ସିରିଜ ଓ ବାହାଲି ଦଳର ପପୁ ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଟୁଲୁ ପ୍ରଧାନ, ପ୍ରବୀର ରଞ୍ଜନ କ୍ଷେତି ଖେଳ ପରିଚାଳନା କରିଥିଲେ।


ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଅର୍ଜୁନ କୁମାର ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଏଡା ସମବାୟ ସମିତି ସମ୍ପାଦକ ପଞ୍ଚାନନ ସାହୁ, ଅନିଲ କୁମାର ପ୍ରଧାନ, ସୀମାଞ୍ଚଳ ପ୍ରଧାନ, ସିଲୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ଥାନାରେ ହେଲା ସମାଧାନ: ସ୍ଥାନାନ୍ତର ହେବ ଶିଶୁମନ୍ଦିର

ବନ୍ତଲା,୧୦।୧(ଡି.ଏନ.ଏ.)

ବନ୍ତଲା ଥାନା ପୋକତୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଦେଖାଦେଇଥିବା ଅସନ୍ତୋଷର ସମାଧାନ ଶୁକ୍ରବାର ବନ୍ତଲା ଥାନାରେ ହୋଇଛି। ଆସନ୍ତା ଜୁନ ୩୦ ମଧ୍ୟରେ ଶିଶୁମନ୍ଦିର ସେଠାରୁ ଅନ୍ୟତ୍ର ସ୍ଥାନାନ୍ତର ହେବ ବୋଲି ଶିଶୁ ମନ୍ଦିରର ସମ୍ପାଦକ ସହମତି ପ୍ରକାଶ କରି ଥାନାରେ ଚୁକ୍ତି କରିଛନ୍ତି। ଶିଶୁମନ୍ଦିର ପକ୍ଷରୁ ସମ୍ପାଦକ ତାପସ କୁମାର ଦେହୁରୀ, ତାଙ୍କ ଭାଇ ଆଇନଜୀବୀ ତପନ ଦେହୁରୀ, ବିବେକାନନ୍ଦ ସାହୁ, ଶ୍ରୀକାନ୍ତ ପ୍ରଧାନ ଓ ସମସ୍ତ ଗୁରୁଜୀଗୁରୁମା ଥାନାରେ ଉପସ୍ଥିତ ଥିବାବେଳେ ପୋକତୁଙ୍ଗା ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମ ସଭାପତି ପପୁ ଦେହୁରୀ, ପୂର୍ବତନ ସମ୍ପାଦକ ଯତୀନ୍ଦ୍ର ପ୍ରଧାନ,


ଥାନାରେ ଗ୍ରାମବାସୀ ଓ ଶିଶୁମନ୍ଦିର କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ଚାଲିଛି।

ପୂର୍ବତନ ସଭାପତି ଗୋକୁଳାନନ୍ଦ ପ୍ରଧାନ, ପ୍ରଫୁଲ୍ଲ ସାହୁ, ପ୍ରଫୁଲ୍ଲ ପ୍ରଧାନ, ପ୍ରଶାନ୍ତ, ହେମନ୍ତ ମହାଲିକଙ୍କ ସହିତ ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। ଥାନା ଆଇଆଇସି ଗୀତାଞ୍ଜଳି ସାହୁ, ପ୍ରୋବେଶନାଲ ଡିଏସପି ସୌରଭ ଓତାଙ୍କ ଉପସ୍ଥିତରେ ଏହି ସମାଧାନ ହୋଇଥିଲା। ଏ ନେଇ ଆଇଆଇସି କହିଛନ୍ତି, ଶିଶୁମନ୍ଦିର ବେସରକାରୀ ହୋଇଥିବା ବେଳେ ପୋଲିସ ବିଭାଗ ପାଇଁ ସଂରକ୍ଷିତ ଜାଗାରେ ବେଆଇନ ଭାବେ ଗଢି ଉଠିଛି। ତେଣୁ ଆଗକୁ କୌଣସି ସମସ୍ୟା ଯେପରି ସୃଷ୍ଟି ନ ହେବ ସେଥିପାଇଁ ଚୁକ୍ତି ଅନୁଯାୟୀ ଶିଶୁମନ୍ଦିର ସ୍ଥାନ୍ତରିତ କରାଯିବ।

# କୃଷକଙ୍କ ସହ ଅଧିକାରୀମାନେ ସୁସମ୍ପର୍କ ରଖନ୍ତୁ

ବଇଣ୍ଡା,୧୦।୧(ଡି.ଏନ.ଏ.)

କିଶୋରନଗର ବ୍ଲକ ନାକିଚିଠାରେ କୃଷି ବିଭାଗ ପକ୍ଷରୁ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ କୃଷି, ମତ୍ସ୍ୟ, ଉଦ୍ୟାନ ବିଭାଗର କର୍ମଚାରୀମାନେ କୃଷକଙ୍କ ସହ ସୁସମ୍ପର୍କ ରଖିଲେ ଚାଷୀର ଉନ୍ନତି ହୋଇପାରିବ ବୋଲି କହିଥିଲେ। ଆଠମଲ୍ଲିକ କୃଷି ଅଧିକାରୀ ଭୋଳାଶଙ୍କର ବେହେରାଙ୍କ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ମୁଖ୍ୟବକ୍ତା ଭାବେ କିଶୋରନଗର ଆତ୍ମାର ଅଧ୍ୟକ୍ଷ ବୀରକିଶୋର ପ୍ରଧାନ ଯୋଗଦେଇ ସରକାରୀ ଯୋଜନାର ଲାଭ କିପରି ଚାଷୀମାନେ ଉଠାଇ ପାରିବେ ତାହା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କିଶୋରନଗର ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ନାକିଚି ସରପଞ୍ଚ ପ୍ରଶାନ୍ତ ଦିଆଣୀ, ପ୍ରାଣୀ ସମ୍ପଦ ଅଧିକାରୀ ତପନ କୁମାର ବେଉରା, ସହକାରୀ ଉଦ୍ୟାନ ଅଧିକାରୀ ରାକେଶ ମିଶ୍ର, ଜଳ ବିଭାଜିକା ଅଧିକାରୀ ପୁଣ୍ୟଶ୍ଳୋକ ପଟ୍ଟନାୟକ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ବିଶ୍ୱଜିତ୍ ଦାସ, ସହକାରୀ କୃଷି ଅଧିକାରୀ ଦୀପ୍ତିମୟୀ ସିଂ ପ୍ରମୁଖ ଯୋଗଦେଇଥିଲେ। ବଇଣ୍ଡା କୃଷି ଅଧିକାରୀ ଚଣ୍ଡି ପ୍ରାସଦ ମହାଲିକ ଅତିଥି ପରିଚୟ ଦେଇଥିବାବେଳେ ବିମ୍ବାଧର ସାହୁ ଧନ୍ୟବଦ ଦେଇଥିଲେ। ଏଥିରେ ବିଭିନ୍ନ ବିଭାଗର ଷ୍ଟଲ ପରିଦର୍ଶନ କରାଯାଇଥିଲା।

